# NATIONAL NEWS BULLETIN (ODIA)

## 31 July - 2024

## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଧ୍ୟକ୍ଷତାରେ ଦୁଇଦିନିଆ ରାଜ୍ୟପାଳ ସମ୍ମିଳନୀ ଆସନ୍ତା ଶୁକ୍ରବାର ଦିନ ହେବ ଅନୁଷ୍ଠିତ ।

- ୱାୟାନାଡ୍ ଭୂସ୍ଖଳନ ଘଟଣାରେ ମୃତ୍ୟୁ ସଂଖ୍ୟା ୧୬୫କୁ ବୃଦ୍ଧି ।

– ତ୍ୱରାନ୍ୱିତ ହେଲା ସହାୟତା ଏବଂ ଉଦ୍ଧାର କାର୍ଯ୍ୟ ।

- ଲୋକସଭାରେ ଆଜି ଉପସ୍ଥାପିତ ହେଲା ଭାରତୀୟ ବାୟୁଯାନ ବିଧେୟକ-୨୦୨୪ ।

- ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ, ଜାତୀୟ ରାଜଧାନୀ ଅଞ୍ଚଳରେ ୩ ଜଣ ୟୁ.ପି.ଏସ୍.ସି. ପରୀକ୍ଷାର୍ଥୀଙ୍କ ମୃତ୍ୟୁ ଘଟଣାରେ ଦିଲ୍ଲୀ ସରକାର ଓ ମହାନଗର ନିଗମକୁ କଲେ ତୀବ୍ର ସମାଲୋଚନା ।

ଏବଂ

- ପ୍ୟାରିସ୍ ଅଲିମ୍ପିକ୍ସରେ କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କଲେ ଭାରତୀୟ ମହିଳା ମୁଷ୍ଟି ଯୋଦ୍ଧା ଲଭ୍‌ଲିନା ବୋରଗୋହେଁ ।

## ପ୍ରେଜ୍-ଗଭର୍ଣ୍ଣାନ୍ସ କନ୍‌ଫରେନ୍ସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରେ ଆସନ୍ତା ଶୁକ୍ରବାର ଆରମ୍ଭ ହେବାକୁ ଥିବା ଦୁଇଦିନିଆ ରାଜ୍ୟପାଳ ସମ୍ମିଳନୀରେ ଅଧ୍ୟକ୍ଷତା କରିବେ । ରାଷ୍ଟ୍ରପତିଙ୍କ ଅଧ୍ୟକ୍ଷତାରେ ପ୍ରଥମଥର ପାଇଁ ଏହି ସମ୍ମିଳନୀ ଆୟୋଜିତ ହେବ । ସମସ୍ତ ରାଜ୍ୟର ରାଜ୍ୟପାଳ ଏଥିରେ ଯୋଗଦେବେ ବୋଲି ରାଷ୍ଟ୍ରପତିଙ୍କ ସଚିବାଳୟ ପକ୍ଷରୁ ସୂଚନା ମିଳିଛି । ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ମନ୍ତ୍ରିମଣ୍ଡଳର କେତେକ ବରିଷ୍ଠ ସଦସ୍ୟ, ନୀତି ଆୟୋଗର ଉପାଧ୍ୟକ୍ଷ ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ୟାବିନେଟ୍ ସଚିବାଳୟ ଆଦିର ବରିଷ୍ଠ ପଦାଧିକାରୀ ଯୋଗଦେବେ । ୩ଟିଯାକ ନୂତନ ଅପରାଧିକ ଆଇନ୍, ଉଚ୍ଚଶିକ୍ଷା କ୍ଷେତ୍ରକୁ ଅଧିକ ଉନ୍ନତ କରିବା ଏବଂ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ଉପରେ ଏହି ବୈଠକରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି ।

## ଓ୍ୱାୟାନାଡ୍-ଲ୍ୟାଣ୍ଡସ୍ଲାଇଡ୍

ଓ୍ୱାୟାନାଡ୍ ଭୂସ୍ଖଳନ ଘଟଣାରେ ମୃତ୍ୟୁ ସଂଖ୍ୟା ୧୬୫କୁ ବୃଦ୍ଧି ପାଇଛି । ସହାୟତା ଏବଂ ଉଦ୍ଧାର କାର୍ଯ୍ୟକୁ ଜୋରଦାର କରାଯାଇଛି । କେରଳ ଇତିହାସରେ ଏହା ସବୁଠାରୁ ବଡ଼ ଭୂସ୍ଖଳନ ବୋଲି ବିବେଚନା

କରାଯାଉଛି । ଗତକାଲି ଓ୍ୱାୟାନାଡ୍ ଜିଲ୍ଲାରେ  ବହୁ ଭୂସ୍ଖଳନ ଘଟିଥିଲା । ସଶସ୍ତ୍ର ସେନା, ଏନ୍.ଡି.ଆର୍.ଏଫ୍. ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନର ମିଳିତ ଦଳ ପକ୍ଷରୁ ସେହି ଅଞ୍ଚଳରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି । ବର୍ତ୍ତମାନ ସୁଧା ୧ ହଜାର ଲୋକଙ୍କୁ ଉଦ୍ଧାର କରାଯାଇ ସାରିଲାଣି ।

ଆକାଶବାଣୀ ସମ୍ବାଦଦାତା ଜଣାଇଛନ୍ତି, ଓ୍ୱାୟାନାଡ୍‌ର ଚୁରାମାଲ୍ ଏବଂ ମୁଣ୍ଡାକାଇ ଠାରେ ଭୂସ୍ଖଳନ ଅତି ଦୟନୀୟ ସ୍ଥିତି ସୃଷ୍ଟି କରିଛି । ବହୁ ଧନଜୀବନ ହାନୀ ହୋଇଛି । ଆଜି ଘଟଣା ସ୍ଥଳରୁ ଉଦ୍ଧାରକାରୀ ଦଳ ଆଉ କିଛି ମୃତଦେହ ଉଦ୍ଧାର କରିଛି । ୧୦୦ ଜଣ ଲୋକଙ୍କର ପତ୍ତା ମିଳୁନଥିବାରୁ ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧି ପାଇବାର ଆଶା କରାଯାଉଛି । ଧ୍ୱଂଶାବଶେଷ ତଳେ ଅନେକ ମୃତ ଶରୀର ପୋତି ହୋଇ ରହିଥିବାର ସୂଚନା ମିଳିଛି । ୧୮୬ ଜଣ ଲୋକଙ୍କୁ ଉଦ୍ଧାର କରାଯାଇ ବିଭିନ୍ନ ଡାକ୍ତରଖାନାରେ ଚିକିସ୍ଚା ସେବା ଯୋଗାଇ ଦିଆଯାଇଛି । କେବଳ ଓ୍ୱାୟାନାଡ୍‌ରେ ବିଭିନ୍ନ ରିଲିଫ୍ ଶିବିରରେ ୩ ହଜାରରୁ ଊର୍ଦ୍ଧ୍ୱ ଲୋକ ଆଶ୍ରୟ ନେଇଛନ୍ତି । ମୁଣ୍ଡାକାଇ ଠାରେ ସେନା ପକ୍ଷରୁ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବାଇଲେ ସେତୁର ନିର୍ମାଣ କରାଯାଉଛି ।

ରାଜ୍ୟ ସରକାର ଜନସାଧାରଣଙ୍କୁ ଓ୍ୱାୟାନାଡ୍ ବିପର୍ଯ୍ୟୟ କ୍ଷେତ୍ରକୁ ଅତି ଆବଶ୍ୟକ ନଥିଲେ ପରିଦର୍ଶନ ନ କରିବାକୁ ପରାମର୍ଶ ଦେଇଛନ୍ତି । ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ୍ ପରିସ୍ଥିତି ସମୀକ୍ଷା ପାଇଁ ଆଜି ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି ।

# ଏଚ୍‌ଏମ୍-ଓ୍ୱାୟାନାଡ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, କେରଳ ସରକାରଙ୍କୁ ଚଳିତ ମାସ ୨୩ ତାରିଖରେ ଏବଂ ପୁଣିଥରେ ୨୪ ଓ ୨୫ ତାରିଖରେ ପ୍ରବଳ ବର୍ଷା ଓ ଭୂସ୍ଖଳନ ନେଇ ପ୍ରାକ୍ ସତର୍କ ସୂଚନା  ଦିଆଯାଇଥିଲା । ରାଜ୍ୟସଭାରେ ଆଜି ଓ୍ୱାୟାନାଡ୍ ବିପର୍ଯ୍ୟୟ ଉପରେ ଏକ ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବର ଉତ୍ତର ରଖି ଶ୍ରୀ ଶାହା କହିଛନ୍ତି, ୨୬ ତାରିଖରେ ୨୦ ସେଣ୍ଟି ମିଟରରୁ ଅଧିକ ବର୍ଷା ଓ ଭୂସ୍ଖଳନ ହେବାର ସମ୍ଭାବନା ଓ ଏଥିରେ ଅନେକ ଧନଜୀବନ ହାନୀ ହେବା ନେଇ ମଧ୍ୟ ସତର୍କ ସୂଚନା ଦିଆଯାଇଥିଲା । ସେ କହିଛନ୍ତି, ୯ଟି ଏନ୍.ଡି.ଆର୍.ଏଫ୍. ଦଳକୁ ଆଗୁଆ କେରଳ ପଠାଯାଇଥିଲା । କିନ୍ତୁ କେରଳ ସରକାର ଲୋକମାନଙ୍କୁ ଠିକ୍ ସମୟରେ ସ୍ଥାନାନ୍ତରଣ କରିପାରିଲେ ନାହିଁ । ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ଓ୍ୱାୟାନାଡ୍‌ରେ ବିପର୍ଯ୍ୟୟ ଜନିତ କ୍ଷୟକ୍ଷତିକୁ ଆହୁରି କମ୍ କରାଯାଇ ପାରିଥାନ୍ତା । ଶ୍ରୀ ଶାହା କହିଛନ୍ତି, ବିଶ୍ୱର ୪ଟି ଦେଶ ମଧ୍ୟରୁ ଭାରତ ଅନ୍ୟତମ, ଯେ କି ପ୍ରାକୃତିକ ବିପର୍ଯ୍ୟୟ କ୍ଷେତ୍ରରେ ୭ ଦିନ ପୂର୍ବରୁ ସତର୍କ ସୂଚନା ଦେଇପାରୁଛି । ସେ କହିଛନ୍ତି, ପୂର୍ବରୁ ଓଡ଼ିଶା, ଗୁଜରାଟ ଭଳି ଅନେକ ରାଜ୍ୟ କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି ସତର୍କ ସୂଚନା ଆଧାରରେ ବିପର୍ଯ୍ୟୟ ଜନିତ କ୍ଷୟକ୍ଷତିକୁ ହ୍ରାସ କରିପାରିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ

କହିଛନ୍ତି, ନରେନ୍ଦ୍ର ମୋଦୀଙ୍କ ସରକାର କେରଳର ଜନସାଧାରଣ ଓ ସରକାରଙ୍କ ସହିତ ବିପର୍ଯ୍ୟୟ ମୁକାବିଲା ପାଇଁ ଦୃଢ଼ ଭାବେ ରହିଛନ୍ତି ।

ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ସୂଚନା ଦେଇ କହିଛନ୍ତି, ବିପର୍ଯ୍ୟୟ ଘଟିବା ପରଠାରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯାଇଛି । ସେ କହିଛନ୍ତି, ଏକ ହଜାର ଲୋକଙ୍କୁ ଇତିମଧ୍ୟରେ ଉଦ୍ଧାର କରାଯାଇସାରିଛି । ସେନା, ଏନ୍.ଡି.ଆର୍.ଏଫ୍. ଓ ଏସ୍.ଡି.ଆର୍.ଏଫ୍.ର ମିଳିତ ଦଳ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଛନ୍ତି । ଧ୍ୱଂସାବଶେଷ ତଳୁ ମୃତ ଶରୀରଗୁଡ଼ିକୁ ଉଦ୍ଧାର କରିବା କ୍ଷେତ୍ରରେ ସନ୍ଧାନୀ କୁକୁରମାନଙ୍କୁ ମଧ୍ୟ ନିୟୋଜିତ କରାଯାଇଛି ।

## ଏଲ୍ଏସ୍-ବାୟୁଯାନ ବିଲ୍

ଲୋକସଭାରେ ଆଜି ଭାରତୀୟ ବାୟୁଯାନ ବିଧେୟକ-୨୦୨୪ ଉପସ୍ଥାପିତ ହୋଇଛି । କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କିଞ୍ଜିରାପୁ ରାମ ମୋହନ ନାଇଡୁ ଏହି ବିଧେୟକ ଉପସ୍ଥାପନ କରିଥିଲେ । ଉପସ୍ଥାପନ ସମୟରେ ମନ୍ତ୍ରୀ କହିଛନ୍ତି, ୧୯୩୪ ମସିହାରେ ଏୟାର୍କ୍ରାଫ୍ଟ ଅଧିନିୟମ କାର୍ଯ୍ୟକାରୀ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ଏଥିରେ ଅନେକ ସଂଶୋଧନ ହୋଇଛି । ସେହି ସଂଶୋଧନ ଗୁଡ଼ିକ ଅଧିନିୟମ

ଭିତରେ ରହି ଦ୍ୱନ୍ଦ୍ୱ ସୃଷ୍ଟି କରୁଛି । ସେହି ଦ୍ୱନ୍ଦ୍ୱକୁ ଦୂର କରିବାକୁ ଭାରତୀୟ ବାୟୁଯାନ ବିଧେୟକ ଅଣାଯାଇଛି ।

ଭାରତୀୟ ବାୟୁଯାନ ବିଧେୟକ କେନ୍ଦ୍ରସରକାରକୁ ଯେକୌଣସି ଏୟାର୍‌କ୍ରାଫ୍ଟର ନିର୍ମାଣ, ଡିଜାଇନ୍, ରକ୍ଷଣାବେକ୍ଷଣ, ଦଖଲ, ବ୍ୟବହାର, ପରିଚାଳନା, ବିକ୍ରୟ, ରପ୍ତାନୀ କିମ୍ବା ଆମଦାନୀ ଏବଂ ଏୟାରକ୍ରାଫ୍ଟ ପରିଚାଳନା କ୍ଷେତ୍ରରେ ସୁରକ୍ଷାକୁ ନିଶ୍ଚିତ କରିବା ଉପରେ ଆଇନ୍ ପ୍ରଣୟନ କରିବାର କ୍ଷମତା ପ୍ରଦାନ କରୁଛି । ଯେକୌଣସି ଏୟାର୍‌କ୍ରାଫ୍ଟ ଘଟଣା କିମ୍ବା ଦୁର୍ଘଟଣାର ତଦନ୍ତ ପାଇଁ ସରକାରଙ୍କୁ ଆଇନ୍ ପ୍ରଣୟନ କରିବାର କ୍ଷମତା ପ୍ରଦାନ କରିବା ଏହି ବିଧେୟକର ଲକ୍ଷ୍ୟ ରହିଛି ।

## ୟୁପିଏସ୍‌ସି

ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ, ଜାତୀୟ ରାଜଧାନୀ ଅଞ୍ଚଳରେ ଗୋଟିଏ କୋଚିଙ୍ଗ୍ ସେଣ୍ଟରରେ ୩ ଜଣ ୟୁ.ପି.ଏସ୍.ସି. ପରୀକ୍ଷାର୍ଥୀଙ୍କ ମୃତ୍ୟୁ ଉପରେ ଆମ୍ ଆଦ୍‌ମୀ ପାର୍ଟି ନେତୃତ୍ୱାଧୀନ ସରକାର ଓ ଦିଲ୍ଲୀ ମହାନଗର ନିଗମକୁ ତୀବ୍ର ସମାଲୋଚନା କରିଛନ୍ତି । କୋର୍ଟ୍ କହିଛନ୍ତି, କର ଆଦାୟ ନହେବା ଓ ମାଗଣା ଦିଆଯିବା ପରମ୍ପରା ଯୋଗୁଁ ଏଭଳି ଦୁଃଖଦାୟକ ଘଟଣା ଘଟୁଛି । କୋର୍ଟ୍ କହିଛନ୍ତି, ବହୁତଳ ଅଟ୍ଟାଳିକା ନିର୍ମାଣ ପାଇଁ ଅନୁମତି ଦିଆଯାଇଥିଲା କିନ୍ତୁ ସେଠାରେ ଉପଯୁକ୍ତ ନିସ୍କାସନ ମାର୍ଗ ନ ଥିଲା । ଉଚ୍ଚ

ନ୍ୟାୟାଳୟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ମନମୋହନ କହିଛନ୍ତି, ଏହି ଘଟଣା ସ୍ପଷ୍ଟ ଭାବେ ଏକ ଅପରାଧିକ ଅବହେଳା ଏବଂ ପ୍ରଶାସନ ପକ୍ଷରୁ ଦାୟିତ୍ୱବୋଧତା ପ୍ରକାଶ ନ ପାଇଲେ କୋର୍ଟ ତାଙ୍କ ରାୟ ପ୍ରକାଶ କରିବେ ।

## ଆର୍‌ଏସ୍‌-ଏଫ୍‌ଏମ୍ ରିପ୍ଲାଏ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, କେନ୍ଦ୍ର ବଜେଟ୍‌ରେ ଅଭିବୃଦ୍ଧି, ନିଯୁକ୍ତି, ଜନକଲ୍ୟାଣ, ପୁଞ୍ଜିନିବେଶ ଓ ଆର୍ଥିକ ସମନ୍ୱୟ ଆଦି ବିଭିନ୍ନ କ୍ଷେତ୍ରର ଉତ୍ତମ ସନ୍ତୁଳନ ରହିଛି । ଆଜି ରାଜ୍ୟସଭାରେ କେନ୍ଦ୍ର ବଜେଟ୍ ୨୦୨୪-୨୫ ବିତର୍କରେ ଉତ୍ତର ରଖି ସୀତାରମଣ ଏହା କହିଛନ୍ତି । ସେ କହିଛନ୍ତି, ସରକାର ସବକା ସାଥ୍, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସ ଲକ୍ଷ୍ୟ ରଖି କାର୍ଯ୍ୟ କରୁଛନ୍ତି । ବଜେଟ୍‌ରେ ସମାବେଶୀ ସଂଘବାଦକୁ ଦୃଢ଼ ସମର୍ଥନର ପ୍ରସ୍ତାବ ରହିଛି । କୃଷି କ୍ଷେତ୍ରକୁ ବଜେଟ୍‌ରେ ଆବଣ୍ଟନ ହ୍ରାସ ନେଇ ବିରୋଧିଙ୍କ ଅଭିଯୋଗକୁ ଅର୍ଥମନ୍ତ୍ରୀ ଖଣ୍ଡନ କରିଛନ୍ତି । ସେ ସୂଚନା ଦେଇ କହିଛନ୍ତି, ଶିକ୍ଷା, ନିଯୁକ୍ତି ଏବଂ ଦକ୍ଷତା ବିକାଶ କ୍ଷେତ୍ର ପାଇଁ ୧ଲକ୍ଷ ୪୮ ହଜାର କୋଟି ଟଙ୍କା ଆବଣ୍ଟନ ହୋଇଛି ।

# ଆର୍‌ଏସ୍‌-ଏନ୍‌ଟିଏ

ମୋଦି ସରକାର କ୍ଷମତାକୁ ଆସିବା ପରଠାରୁ ଜାତୀୟ ପରୀକ୍ଷଣ ସଂସ୍ଥା – ଏନ୍.ଟି.ଏ. ଦ୍ୱାରା ଆୟୋଜିତ ବିଭିନ୍ନ ପରୀକ୍ଷାରେ ୫ କୋଟିରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି । ବିଗତ ୧୦ ବର୍ଷରେ ସରକାର ମେଡିକାଲ୍ ସିଟ୍ ସଂଖ୍ୟା ୧ ଲକ୍ଷ ୧୦ ହଜାରକୁ ବୃଦ୍ଧି କରିଛନ୍ତି । ରାଜ୍ୟସଭାରେ ଆଜି ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ସୂଚନା ଦେଇଛନ୍ତି । ଦିନକୁ ଦିନ କୋଚିଙ୍ଗ୍ ସେଣ୍ଟର ସଂଖ୍ୟା ବୃଦ୍ଧି ପାଉଥିବା ନେଇ ସଦସ୍ୟମାନେ ଚିନ୍ତା ପ୍ରକଟ କରୁଥିବା ଉପରେ ଶ୍ରୀ ପ୍ରଧାନ କହିଛନ୍ତି, ଦେଶରେ କୌଣସି କୋଚିଙ୍ଗ୍ ସେଣ୍ଟର ରହିବା ଉଚିତ୍ ନୁହେଁ ଏବଂ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିଶ୍ଚିତ କରିବା ନେଇ ସରକାର ଆଶା ରଖିଛନ୍ତି । ଏହି ଅବସରରେ ମନ୍ତ୍ରୀ ସରକାରୀ ବିଦ୍ୟାଳୟଗୁଡ଼ିକୁ ଅଧିକ ବିକଶିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ।

# ଅଲିମ୍ପିକ୍ସ

**ଏଥର ପ୍ୟାରିସ୍ ଅଲିମ୍ପିକ୍ସ ସମ୍ପର୍କିତ ଖବର ।**

ଆଜି ପ୍ୟାରିସ୍ ଅଲିମ୍ପିକ୍ସର ପଞ୍ଚମ ଦିବସରେ ଭାରତୀୟ ମହିଳା ମୁଷ୍ଟି ଯୋଦ୍ଧା ଲବ୍‌ଲିନା ବୋରଗୋହେଁ ୭୫ କିଲୋଗ୍ରାମ ବର୍ଗରେ ନରୱେର ସୁନିଭା ହଫ୍‌ଷ୍ଟାଡ୍‌ଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ବ୍ୟାଡ୍‌ମିଣ୍ଟନ୍‌ରେ ପି.ଭି. ସିନ୍ଧୁ ଓ ଲକ୍ଷ୍ୟ ସେନ୍ ଷୋଡ଼ଶ ରାଉଣ୍ଡରେ ପ୍ରବେଶ କରିଛନ୍ତି । ପି.ଭି. ସିନ୍ଧୁ ମାତ୍ର ୩୪ ମିନିଟ୍ ସମୟ ନେଇ କ୍ରିଷ୍ଟିନ୍ କୁବାଙ୍କୁ ୨୧-୫, ୨୧-୧୦ ସେଟ୍‌ରେ ପରାସ୍ତ କରିଥିବାବେଳେ ପୁରୁଷ ଏକକ ପର୍ଯ୍ୟାୟରେ ଲକ୍ଷ୍ୟ ସେନ୍ ଇଣ୍ଡୋନେସିଆର ଜୋନାଥନ୍ କ୍ରିଷ୍ଟିଙ୍କୁ ୨୧-୧୮, ୨୧-୧୨ ସେଟ୍‌ରେ ପରାସ୍ତ କରିଛନ୍ତି ।

ବନ୍ଧୁକ ଚାଳନାରେ ସ୍ୱପ୍ନିଲ୍ କୁଶାଲେ ୫୯୦ ଅଙ୍କ ସ୍କୋର କରିବା ସହ ପୁରୁଷ ୫୦ ମିଟର୍ ରାଇଫଲ୍ ପ୍ରତିଯୋଗିତାର ଫାଇନାଲ୍‌କୁ ଉନ୍ନିତ ହୋଇଛନ୍ତି ।

ଟେବୁଲ୍ ଟେନିସ୍‌ରେ ଶ୍ରୀଜା ଆକୁଲା ଜେଙ୍ଗ୍ ଜିଆଙ୍କୁ ପରାସ୍ତ କରି ଷୋଡ଼ଶ ରାଉଣ୍ଡରେ ପ୍ରବେଶ କରିଛନ୍ତି । ତୀରନ୍ଦାଜୀରେ ଦୀପିକା କୁମାରୀ

ମଧ୍ୟ ଷୋଡ଼ଶ ରାଉଣ୍ଡକୁ ପ୍ରବେଶ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ଭାରତକୁ ବନ୍ଧୁକ ଚାଳନାରେ ଦୁଇଟି ବ୍ରୋଞ୍ଜ ପଦକ ମିଳିଛି ।

## ସିକ୍କିମ୍-ନ୍ୟୁ ଗଭର୍ଣ୍ଣର

ସିକ୍କିମ୍‌ର ଷୋଡ଼ଶ ରାଜ୍ୟପାଳ ଭାବେ ଆଜି ଓମ୍ ପ୍ରକାଶ ମାଥୁର ଶପଥ ଗ୍ରହଣ କରିଛନ୍ତି । ସିକ୍କିମ୍ ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ୍ ବିଶ୍ୱନାଥ ସୋମଦର୍ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ । ଗ୍ୟାଙ୍ଗଟକ୍ ସ୍ଥିତ ରାଜଭବନରେ ଅନୁଷ୍ଠିତ ଶପଥ ଗ୍ରହଣ ସମାରୋହରେ ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂ ତମାଙ୍ଗ, କ୍ୟାବିନେଟ୍ ମନ୍ତ୍ରୀମାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।